The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 03 | Sept-Nov 2024 | www.thebrahmi.com

# ଇନ୍ଦୁମତି କାବ୍ୟ ଉପରେ କାଳିଦାସଙ୍କ ରଘୁବଂଶ କାବ୍ୟର ପ୍ରଭାବ

**ସୀମା ସ୍ୱାଇଁ**
ଗବେଷିକା ( କଳା ବିଭୂଷଣ )
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ,
ଉତ୍କଳ ବିଶ୍ୱବିଦ୍ୟାଳୟ , ବାଣୀ ବିହାର

**ଶୋଧସାର -**

ଗଙ୍ଗାଧର ମେହେର ଙ୍କ ନାମ ଶ୍ରବଣ କଲା ମାତ୍ରେ ହୃଦୟ ହୋଇଯାଏ ଶିହରୀତ । ଆଧୁନିକତା ଓ ପରମ୍ପରାର ରୂପକାର ଭାବରେ ସେ ଯେଉଁ ସମନ୍ୱୟ ରକ୍ଷା କରିଯାଇଛନ୍ତି ତାହା ହିଁ ତାଙ୍କୁ ଚିରସ୍ମରଣୀୟ କରି ରଖିବ ପ୍ରତିଟି ପାଠକ ହୃଦୟରେ । ଗଙ୍ଗାଧରଙ୍କ ସମକାଳୀନ ଲେଖକମାନେ ପ୍ରାଶ୍ଚାତ୍ୟ ସାହିତ୍ୟାଦର୍ଶର ଅନୁକରଣ କରି ସ୍ୱଲେଖନୀ ଚାଳନା କରୁଥିବାବେଳେ ଏହି ଦିନକବି ଭାରତୀୟତାର ତଥା ପ୍ରାଚ୍ୟ ସାହିତ୍ୟାଦର୍ଶରେ ପ୍ରଭାବିତ ହୋଇ ଓଡ଼ିଆ ବାଣୀଭଣ୍ଡାରକୁ ଭେଟି ଦେଇଥିଲେ ଅମୂଲ୍ୟ ରତ୍ନ । ବାଲ୍ମିକୀ, ଭବଭୂତି, କାଳିଦାସ ପ୍ରଭୃତି ସଂସ୍କୃତ ସାହିତ୍ୟର ପ୍ରମୁଖ କବିମାନଙ୍କର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲେ ହେଁ ନିଜସ୍ୱ ପ୍ରଚେଷ୍ଟା ଫଳରେ ତାଙ୍କର ସାହିତ୍ୟ ସୃଷ୍ଟି କିଭଳି ମୌଳିକ ହୋଇପାରିଛି ତାହା ଏ ଆଲୋଚନାର ପ୍ରଧାନ ବିଚାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ଇନ୍ଦୁମତୀ କାବ୍ୟ ଉପରେ ସଂସ୍କୃତ କାବ୍ୟ 'ରଘୁବଂଶ' ର ପ୍ରଭାବ ପଡିଛି ତାହା ଆଲୋଚନା କରାଯାଇପାରେ । ବିଷୟବସ୍ତୁ ଆହରଣ, ପ୍ରକୃତି ଚିତ୍ରଣରେ ରଘୁବଂଶ କାବ୍ୟର ପ୍ରଭାବ ପଡିଥିଲେ ହିଁ ପଦ ସଂଯୋଜନା, ଛାନ୍ଦ ନିର୍ମାଣ, ସାଙ୍ଗିତିକତାରେ ଗଙ୍ଗାଧର ଯେଉଁ ଅଭିନବତା ଦେଖାଇଛନ୍ତି ତାହା ତାଙ୍କୁ କରିଛି ସ୍ୱତନ୍ତ୍ର ମହିମାରେ ଜ୍ୟୋତିସ୍ନାତ ।

**କୂଟ ଶବ୍ଦ –**

ରଘୁବଂଶ , ଇନ୍ଦୁମତୀ, ଗଙ୍ଗାଧର ମେହେର , କାଳିଦାସ , ଅଜ , ସ୍ୱୟଂବର

**ଉପକ୍ରମ –**

'ଇନ୍ଦୁମତୀ' ଗଙ୍ଗାଧର କାବ୍ୟ ସୌଧର ଏକ ଅମଳିନ କୃତି। କବିଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ପରିଚିତି ଆଣିଦେବାରେ ଏହାର ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ଏହା ସେତେବେଳର ପ୍ରଖ୍ୟାତ ପତ୍ରିକା ଉତ୍କଳପ୍ରଭାରେ ଆତ୍ମପ୍ରକାଶ କରି ଉତ୍କଳୀୟ ପାଠକଙ୍କର ଆଦର ଭାଜନ ହୋଇପାରିଥିଲା । ରାଧାନାଥ ରାୟ ଇନ୍ଦୁମତୀ କାବ୍ୟର ଆମୂଳାନ୍ତ ପାଠ କରି ଏହାର ଭୂୟସୀ ପ୍ରଶଂସା କରିଥିଲେ। ସେ ଲେଖିଛନ୍ତି - " ମୁଁ ଆଶା କରେ ଉତ୍କଳର ସାହିତ୍ୟ ରସିକ ମାନେ କାବ୍ୟ ଖଣ୍ଡିକ ସମଗ୍ର ପାଠ କରି ନିଜ ନିଜ ମତ ସ୍ଥିର କରିବେ । ଉତ୍କଳୀୟ ପାଠକଙ୍କର ତ କଥା ନାହିଁ , ସେମାନେ ସଂସ୍କୃତ ରଘୁବଂଶରେ ଇନ୍ଦୁମତୀରେ ଚରିତ ପାଠ କରିଛନ୍ତି , ସେମାନେ ସୁଦ୍ଧା ଏ କାବ୍ୟ ପାଠ ପଠନ ଶ୍ରମକୁ ପଣ୍ଡ ଶ୍ରମ ମଣିବେ ନାହିଁ ।

× × ×

ମୋହ ମତରେ ଏହା ଉତ୍କଳର ବିଦ୍ୟାଳୟ ମାନଙ୍କରେ ପାଠ୍ୟ ପୁସ୍ତକ ରୂପେ ପ୍ରବର୍ତ୍ତିତ ହେବାର ସମ୍ପୂର୍ଣ୍ଣ ଉପଯୁକ୍ତ ଅଟେ । " ( ରାଧାନାଥଙ୍କ ମନ୍ତବ୍ୟ )

କେବଳ ରାଧାନାଥ ରାୟ ନୁହନ୍ତି ତତ୍ କାଳୀନ ସମୟର ବହୁ ପ୍ରତିଷ୍ଠିତ ଲେଖକ ' ଇନ୍ଦୁମତୀ ' ର ମହିମା ପ୍ରଖ୍ୟାପନରେ ବ୍ୟାକୁଳିତ

ହୋଇପଡ଼ିଛନ୍ତି, ତାହା ସଚେତନ ପାଠକ ପାଠିକା ନିବିଡ ଭାବରେ ଉପଲବ୍ଧି କରିପାରିବେ । ନନ୍ଦକିଶୋର ବଳ ଇନ୍ଦୁମତୀ କାବ୍ୟ ପାଠ କରି କବିଙ୍କୁ ପ୍ରଶଂସା କରିବାକୁ ଯାଇ ଶତମୁଖ ହୋପଡ଼ିଛନ୍ତି । କବି ଲେଖିଛନ୍ତି -

" ଲୋଡ଼େନାହିଁ ଦେଖିବାକୁ ମୁଁ ତୁମ୍ଭ ମୂରତି
ଦେଖି କାଳେ ତୁଟିଯିବ ମାୟ ତବ ପ୍ରତି
ପଢ଼ିଅଛି ' ଇନ୍ଦୁମତୀ ' କାବ୍ୟ କେତେଥର
ସେହିଠାରେ ପରିଚୟ ତୁମ୍ଭର ମୋ।
ଲାବଣ୍ୟ - କାସାର - ହଂସ , ପୁରୁଷ ଅଦ୍ଭୁତ
କାଳିଦାସ ଭାରତୀୟ ବାଣୀ - ବର ସୂତ
ଯୋଗ୍ୟ ଅନ୍ତେ ବାସୀ ତୁମ୍ଭେ ଅଟ ତାହାଙ୍କର
ବଳିହରି , ଗୁରୁ ପ୍ରତି ସମ୍ଭାର ଅର୍ଘ୍ୟର ।"(୧)

ଆଧୁନିକ ଶିକ୍ଷାରୁ ବଞ୍ଚିତ ଗଙ୍ଗାଧର ସ୍ୱ ଅଧ୍ୟବସାୟ ଫଳରେ ପ୍ରାଚ୍ୟ ସାହିତ୍ୟ ଅଧ୍ୟୟନ କରିପାରିବାରେ ସମର୍ଥ ହୋଇଥିଲେ । କାଳିଦାସ , ଭବଭୂତି , ବାଲ୍ମୀକି ଙ୍କ ପରି ଓଡ଼ିଆ ସାହିତ୍ୟର ପଞ୍ଚସଖା ଓ ରୀତି ଯୁଗୀୟ କବି ମାନଙ୍କର ବିଭିନ୍ନ କାବ୍ୟ କୃତି ପାଠ କରି ସେ ତୃପ୍ତି ହୋଇଥିଲେ । ସଂସ୍କୃତ ସାହିତ୍ୟର ମହାକବି କାଳିଦାସଙ୍କର ତାଙ୍କ ଉପରେ ବିଶେଷ ପ୍ରଭାବ ପଡିଥିବାର ଦୃଷ୍ଟି ଗୋଚର ହୁଏ । ପ୍ରଣୟ ବଲ୍ଲରୀ , ତପସ୍ୱିନୀ , ଇନ୍ଦୁମତୀ କାବ୍ୟ ଉପରେ କାଳିଦାସଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ପଡିଛି, ଏହା ଯେ କେହି ଅନୁଭବ କରିପାରିବେ । ସ୍କୁଲରେ ଅଧ୍ୟୟନ କଲାବେଳେ ସେ କାଳିଦାସଙ୍କର ରଘୁବଂଶ କାବ୍ୟ ପଠନ କରିବାର ସୁଯୋଗ ଲାଭ କରିଥିଲେ । ଯାହାର ସୂଚନା ସେ ତାଙ୍କର ଆତ୍ମଜୀବନୀରେ ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି - " ମୋର ପଢା ଏକ ବର୍ଷ ପୂର୍ଣ୍ଣ ହେବାରୁ ଶିକ୍ଷକ ମହାଶୟ ନିଜ ଇଛାରେ ୬ଷ୍ଠ ଶ୍ରେଣୀରେ ଉଦଘାଟନ କଲେ। ଷଷ୍ଠରେ ସାହିତ୍ୟ , ରଘୁବଂଶ , କ୍ଷେତ୍ର ତତ୍ତ୍ୱ , ବୀଜଗଣିତ ପଢ଼ାଇଲେ , କିନ୍ତୁ ଅଳ୍ପ ଦିନ ପରେ ଅବକାଶ ନେଇ ଗୃହକୁ ଚାଲିଯିବାରୁ ସ୍କୁଲଟି କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଲା । ମୋର ପଢା ମଧ୍ଯ ଶେଷ ହେଲା । "( ଆତ୍ମଜୀବନୀ )

ତେଣୁ ଆଦ୍ୟ ଯୌବନରେ କାବ୍ୟ ରଚନା କଲାବେଳେ କାଳିଦାସ କିପରି ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲେ , ଇନ୍ଦୁମତୀ ପାଠ କରିଥିବା ପ୍ରତିଟି ସଚେତନ ପାଠକ ମର୍ମେ ମର୍ମେ ଉପଲବ୍ଧି କରିପାରିବେ । କାରଣ ଇନ୍ଦୁମତୀ ହେଉଛି ଲେଖକଙ୍କ ପ୍ରଥମ ପ୍ରକାଶିତ କାବ୍ୟ , ଯାହା ତାଙ୍କୁ ପାଠକ ତଥା କବି ମହଲରେ ପରିଚିତ କରିଥିଲା । ଏହା କାଳିଦାସଙ୍କ ରଘୁବଂଶ କାବ୍ୟର ପଞ୍ଚମ ସର୍ଗ ରୁ ଅଷ୍ଟମ ସର୍ଗ ର କଥାବସ୍ତୁ ଅବଲମ୍ବନରେ ରଚିତ । ବିଷୟବସ୍ତୁ ଆବରଣରେ କାଳିଦାସଙ୍କର ପ୍ରଚ୍ଛନ୍ନ ପ୍ରଭାବ ପଡ଼ିଥିଲେ ହେଁ , ଅନେକ ସ୍ଥଳରେ ଗଙ୍ଗାଧର ସ୍ୱ ମୌଳିକତା ପ୍ରଦର୍ଶନ କରିଛନ୍ତି । ଯାହା ହିଁ ହେଉଛି ତାଙ୍କ କବି ପ୍ରତିଭାର ସ୍ୱତନ୍ତ୍ରତା । କାଳିଦାସ ଇନ୍ଦୁମତୀ ରେ ସ୍ୱୟଂବର ଠାରୁ ଆରମ୍ଭ କରି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ବର୍ଣ୍ଣନା କରିଛନ୍ତି , ତାହାର ପ୍ରତ୍ୟେକ ପ୍ରଭାବ ପଡିଛି ଗଙ୍ଗାଧରଙ୍କ ଉପରେ । ଏ କ୍ଷେତ୍ରରେ ସେ କୌଣସି କଥାକୁ ବାଦ ଦେଇନାହାନ୍ତି । ଭାରତୀୟ ସଂସ୍କୃତି , ପରମ୍ପରା , ପ୍ରାଚ୍ୟ କବି କାଳିଦାସଙ୍କର କିପରି ବଳିଷ୍ଠ ପ୍ରଭାବ ପଡିଛି, ସେ ସମ୍ପର୍କରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର, ଓଝା ଯେଉଁ ମନ୍ତବ୍ୟ ଦେଇଛନ୍ତି , ବାସ୍ତବରେ ତାହା ଯଥାର୍ଥ । ସେ ଲେଖିଛନ୍ତି - " ପ୍ରାଚ୍ୟ ସଂସ୍କୃତିର ଗୌରବ , ସଂଯତ ପ୍ରେମର ଚାରୁଚିତ୍ରଣ , ଭାରତୀୟ ରମଣୀର ପାତି ବ୍ରତ୍ୟ , ଶୌର୍ଯ୍ୟ ଓ ସୋନ୍ଦର୍ଯ୍ୟର ଉପାସନା , ପତି ନିର୍ବାଚନର ସ୍ୱାଧୀନତା ତଥା ଭାରତୀୟ ରାଜତନ୍ତ୍ରର ମହନୀୟ ପ୍ରଭୃତି ବିଷୟ ଅତି ନିଖୁଣ ତଥା ସରସ ସୁନ୍ଦର ଭାବରେ କବି ଏଥିରେ ବର୍ଣ୍ଣନା କରି ଅମର ହୋଇଯାଇଛନ୍ତି । ରାମାୟଣର ପରୋକ୍ଷ ଏବଂ

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 03 | Sept-Nov 2024 | www.thebrahmi.com

ରଘୁବଂଶର ପ୍ରତ୍ୟେକ୍ଷ ପ୍ରଭାବ କବି ଗଙ୍ଗାଧରଙ୍କ ଉପରେ ପଡ଼ିଥିଲେ ମଧ୍ୟ ସେ କେତେକ ବିଷୟରେ ବର୍ଜନ ଓ ସର୍ଜନ କରି ନିଜର ମୌଳିକତାର ପରିଚୟ ପ୍ରଦାନ କରିପାରିଛନ୍ତି ।"(୨)

ଇନ୍ଦୁମତୀ କାବ୍ୟର କଥାବସ୍ତୁ ନିର୍ମାଣରେ ଗଙ୍ଗାଧର ମେହେର ରଘୁବଂଶ କାବ୍ୟର ନିମ୍ନୋକ୍ତ ଘଟଣାକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଛନ୍ତି । ଇନ୍ଦୁମତୀଙ୍କର ସ୍ୱୟମ୍ବର ସଭା ବର୍ଣ୍ଣନା , ରାଜାମାନଙ୍କର ଆଗମନ , ଅଜଙ୍କର ଆଗମନରେ ରାଜାମାନଙ୍କର ବିଷାଦ ଭାବ , ବିଭିନ୍ନ ରାଜ୍ୟର ଆସିଥିବା ରାଜା ମାନଙ୍କର ପରିଚୟ ପ୍ରଦାନ, ( ପରିଚାରୀକା ସୁନନ୍ଦା ଇନ୍ଦୁମତୀଙ୍କୁ ପରିଚୟ ଦେଉଅଛି ) , ଅଜଙ୍କୁ ଇନ୍ଦୁମତୀଙ୍କର ବରଣମାଳା ପ୍ରଦାନ , ବିବାହ କାର୍ଯ୍ୟ ସମାପ୍ତି ପରେ ବର କନ୍ୟାଙ୍କୁ ଧରି ରାଜନବର ଆଗମନ , ବର କନ୍ୟାଙ୍କ ଦର୍ଶନ ନିମନ୍ତେ ନବରବାସୀଙ୍କର ତତ୍ପରତା ପ୍ରକାଶ , ଭୋଜଙ୍କର ବିଦାୟ , ଇନ୍ଦୁମତୀଙ୍କ ସହ ଅଜଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ଇନ୍ଦୁମତୀଙ୍କୁ ପତ୍ନୀରୂପେ ନପାଇ ଫେରି ଯାଇଥିବା ରାଜାମାନଙ୍କର ପଥ ମଧ୍ୟରେ ଅଜଙ୍କୁ ଆକ୍ରମଣ , ସମସ୍ତ ରାଜାଙ୍କୁ ପରାସ୍ତ କରି ବିଜୟ ଉଲ୍ଲାସ ସହ ଅଜଙ୍କର ଅଯୋଧ୍ୟାରେ ପ୍ରବେଶ , ଅଜ ଓ ଇନ୍ଦୁମତୀଙ୍କୁ ଗୃହକୁ ପ୍ରବେଶ ନିମିତ୍ତ ସ୍ୱାଗତ , ଅଜଙ୍କୁ ରାଜ୍ୟ ଅର୍ପଣ କରି ରଘୁଙ୍କର ତିରୋଧାନ , ଇନ୍ଦୁମତୀଙ୍କ ସହ ଅଜଙ୍କର ଉଦ୍ୟାନ ଭ୍ରମଣ , ନାରଦଙ୍କ ବୀଣାରୁ ପତିତ ପୁଷ୍ପମାଳା ଇନ୍ଦୁମତୀଙ୍କର ବକ୍ଷ ଦେଶରେ ପଡ଼ିବାରୁ ଇନ୍ଦୁମତୀଙ୍କର ପ୍ରାଣତ୍ୟାଗ , ପତ୍ନୀ ବିଚ୍ଛେଦରେ ଅଜଙ୍କର ବିଳାପ , ବିଶିଷ୍ଟଙ୍କର ରାଜାଙ୍କୁ ସାନ୍ତ୍ୱନା, ପରବର୍ତ୍ତୀ ସମୟରେ ଅଜଙ୍କର ଦେହ ତ୍ୟାଗ ପ୍ରଭୃତିର ବର୍ଣ୍ଣନାକୁ କବି ମେହେର କାଳିଦାସଙ୍କ ଠାରୁ ଗ୍ରହଣ କରିଥିଲେ ହିଁ ନିଜସ୍ୱ ବର୍ଣ୍ଣନାରେ ତାହା ହୋଇପାରିଛି ମହିମାମଣ୍ଡିତ ।

ଇନ୍ଦୁମତୀ ପାଣିଗ୍ରହଣ କରିବା ପାଇଁ ବିଦର୍ଭର ରାଜଦରବାରରେ ଅନୁଷ୍ଠିତ ସ୍ୱୟମ୍ବର ସଭାରେ ଉପସ୍ଥିତ ରାଜା ମାନଙ୍କର ଗୁଣ ଗାରିମାର ବର୍ଣ୍ଣନା ଏବଂ ଇନ୍ଦୁମତୀଙ୍କର ବିରହରେ ଅଜଙ୍କର ମର୍ମଭେଦୀ ବିଳାପର ସ୍ୱର ବର୍ଣ୍ଣନା କଲାବେଳେ ମେହେର କବି କାଳିଦାସଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଛନ୍ତି । ରଘୁବଂଶ ପରି ଇନ୍ଦୁମତୀ କାବ୍ୟରେ ପରିଚାରିକାର ନାମ ରହିଛି ସୁନନ୍ଦା । ରଘୁବଂଶରେ ସୁନନ୍ଦା ପ୍ରଥମେ ମଗଧ ରାଜାଙ୍କର ଗୁଣ ବର୍ଣ୍ଣନା  କରିଛନ୍ତି , ଯାହାର ଅନୁରୂପ ଅନୁକରଣ କରିଛନ୍ତି ଗଙ୍ଗାଧର ଇନ୍ଦୁମତୀ କାବ୍ୟରେ। ରଘୁବଂଶ କାବ୍ୟରେ ସୁନନ୍ଦା ଇନ୍ଦୁମତୀ ଙ୍କୁ ପ୍ରଥମେ ମଗଧ ରାଜାଙ୍କୁ ଦେଖାଇ କହିଛି -

" ଅସୌ ଶରଣ୍ୟଃ ଶରଣୋନ୍ମୁଖାନାମଗଧସତ୍ତୋ ମଗଧ ପ୍ରତିଷ୍ଠଃ ।
ରାଜା ପ୍ରଜାରଞ୍ଜନ - ଲବଧ - ବର୍ଣ୍ଣଃ ପରନ୍ତପୋ ନାମ ଯଥାର୍ଥ ନାମା ।।"

(ଷଷ୍ଠ ସର୍ଗ ,୨୧ ଶ୍ଳୋକ )(୩)

ଅର୍ଥାତ୍ - " ରାଜନନ୍ଦିନୀ ! ଏହି ରାଜା ଅତ୍ୟନ୍ତ ଶରଣାଗତ ବତ୍ସଳ ଏବଂ ଅତୀବ ଗମ୍ଭୀର ପ୍ରକୃତିର । ମଗଧ ରାଜ୍ୟରେ ଏହାଙ୍କର ଯଥେଷ୍ଟ ଆଧିପତ୍ୟ , ପ୍ରଜାରଞ୍ଜନରେ ଏହାଙ୍କ ପରି ବିଶେଷ ବିଚକ୍ଷଣ ଅତି କମ୍ ରାଜା ଦେଖା ଯାଆନ୍ତି । ଏହାଙ୍କ ନାମ ପରନ୍ତପ , କାର୍ଯ୍ୟରେ ମଧ୍ୟ ପରନ୍ତପ ।"

ଗଙ୍ଗାଧର ମଧ୍ୟ ଅନୁରୂପ ଭାବରେ ସୁନନ୍ଦା ମୁଖରେ ମଗଧ ରାଜାଙ୍କର ଗୁଣ ବର୍ଣ୍ଣନା କରିଛନ୍ତି -

" ଚାହାଁ ଲୋ ସୁନ୍ଦରୀ !        ପୁରତେ ମଗଧ
ପତି ଜଗଦେକ ଇନ୍ଦୁ
ମହୀ - ମହିଳାର।               ଲଲାଟ ମଣ୍ଡିତ
ସୁରମ୍ୟ ସିନ୍ଦୂର ବିନ୍ଦୁ
ପରଜା ବତ୍ସଳ                   ଦେବ ପରାୟଣ
ରୂପ ଅତି ଅଭିରାମ

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 03 | Sept-Nov 2024 | www.thebrahmi.com

ପ୍ରବଳ ପ୍ରତାପୀ ପରବଳ ତାପି
ସ୍ବାର୍ଥ ପରନ୍ତପ ନାମ ।" (୪)

ବିବାହ କାର୍ଯ୍ୟ ସମାପନ ପରେ ଅଜ ଇନ୍ଦୁମତୀଙ୍କୁ ଘେନି ଅଯୋଧ୍ୟା ପ୍ରତ୍ୟାଗମନ କଲାବେଳେ , ସ୍ବୟଂବର ସଭାରେ ଇନ୍ଦୁମତୀଙ୍କୁ ପତ୍ନୀ ରୂପେ ନପାଇ ମନଦୁଃଖରେ ଫେରି ଯାଇଥିବା ବିଭିନ୍ନ ଦେଶର ରାଜାମାନଙ୍କ ସହିତ ପଥ ମଧ୍ୟରେ ଅଜଙ୍କର ଯେଉଁ ଯୁଦ୍ଧ ହୋଇଛି , ତାହାର ସୁନ୍ଦର ବର୍ଣ୍ଣନା କରିଛନ୍ତି କାଳିଦାସ ରଘୁବଂଶ କାବ୍ୟରେ।

କବିଙ୍କ ଭାଷାରେ -

" ପତ୍ତି ପଦାତିଂ ରଥିନଂ ରଥେଶସ୍ତୁ ରଙ୍ଗଂସାଦି ତୁରଗାଧୀରୁଡମ୍ ।
ଯନ୍ତା ରାଜସ୍ୟାଭ୍ୟପଦଦ୍ ଗଜସ୍ତଂ ତୁଲ୍ୟ ପ୍ରତିଦ୍ବନ୍ଦୀ ବଭୂଦ ଯୁଦ୍ଧମ ।।" (୫)

ଏହାକୁ ସୁନ୍ଦର ଭାବେ ଗଙ୍ଗାଧର ବର୍ଣ୍ଣନା କରିଛନ୍ତି -

"କହୁଁ କହୁଁ ବେନି ଦଳେ ଲାଗିଗଲା
ଅତି ଭୟଙ୍କର ରଣ
ରଥି ସଙ୍ଗେ ରଥି ପଦାତି ପଦାତି
ଅଧୋରଣେ ଅଧୋରଣେ।
ସାଦିବର ସଙ୍ଗେ ସାଦିଏ ଯୁଝିଲେ
କରେଧରି କରବାଳ
ସମର କ୍ଷେତ୍ରକୁ ତିମିରେ ଆବୃତ
କରିଦେଲେ ଶରମାଳ ।।"(୬)

ନାରଦଙ୍କ ବୀଣାରୁ ପତିତ ପୁଷ୍ପମାଳ ଇନ୍ଦୁମତୀଙ୍କ ବକ୍ଷ ଦେଶରେ ପଡ଼ିବା ପରେ ତାଙ୍କର ପ୍ରାଣବାୟୁ ଚାଲିଯାଇଛି । ଇନ୍ଦୁମତୀଙ୍କର ନିଷ୍ପ୍ରାଣ ଓ ମ୍ଳାନ ଶରୀରକୁ ବର୍ଣ୍ଣନା କରିବାକୁ ଯାଇ କାଳିଦାସ ଯାହା ଲେଖିଛନ୍ତି , ତାହା ଗଙ୍ଗାଧରଙ୍କୁ ଅନେକାଂଶରେ ପ୍ରଭାବିତ କରିଛି ଅନୁରୂପ ପଂକ୍ତି ଲେଖିବା ପାଇଁ।

କାଳିଦାସ ଲେଖିଛନ୍ତି -

"କ୍ଷଣମାତ୍ରସଖୀଂ ସୁଜାତୟୋ ସ୍ତନୟୋସ୍ତାମଇଲୋକ୍ୟ ବିହ୍ବଳା
ନମିମୀଳ ନରୋତ୍ତମ ପ୍ରିୟା ହୃତଚନ୍ଦ୍ରାତମସେବ କୌମୁଦୀ।।"(୭)

ଗଙ୍ଗାଧରଙ୍କ ଭାଷାରେ -

"ସେ ଦିବ୍ୟ କୁସୁମ - ହାର ଦରଶନ
ମାତ୍ରେ ଇନ୍ଦୁମତୀଙ୍କର ,
ପ୍ରାଣ ବିହଙ୍ଗମ ଉଡିଗଲା , ତନୁ
ପଡ଼ିଲା ଧରା ଉପର ।" (୮)

**ପ୍ରକୃତି ବର୍ଣ୍ଣନା -**

ପ୍ରକୃତି ବର୍ଣ୍ଣନାରେ ଗଙ୍ଗାଧର ମେହେର କାଳିଦାସଙ୍କୁ ଅତିକ୍ରମ କରିଯାଇଛନ୍ତି , ଏହା ପ୍ରତିଟି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ। ପ୍ରକୃତି ବର୍ଣ୍ଣନାରେ ଗଙ୍ଗାଧରଙ୍କ ଉପରେ କାଳିଦାସଙ୍କର ପ୍ରଭାବ ପଡିଥିବାର ଦୃଷ୍ଟି ଗୋଚର ହୁଏ ନାହିଁ। ବରଂ ଯେଉଁଠି କାଳିଦାସ ପ୍ରକୃତି ବର୍ଣ୍ଣନା କରିବାରେ ଅସଫଳ ହୋଇଛନ୍ତି , ସେଠାରେ ଗଙ୍ଗାଧର ପ୍ରକୃତିକୁ ଚିତ୍ରିତ କରିଛନ୍ତି ମନୋରମ ଭାବରେ । ରଘୁବଂଶ

କାବ୍ୟରେ ସୁନନ୍ଦା ଇନ୍ଦୁମତୀକୁ ମଥୁରା ନରେଶଙ୍କ ପରିଚୟ ପ୍ରଦାନ କରୁଥିଲା ବେଳେ , କାଳିଦାସ ମଥୁରା ରାଜ୍ୟର ପ୍ରାକୃତିକ ସୋନ୍ଦର୍ଯ୍ୟ ବର୍ଣ୍ଣନାରୁ ବିମୁଖ ହୋଇଥିବାର ପ୍ରତୀତ ହୁଏ । କିନ୍ତୁ ଗଙ୍ଗାଧର ପ୍ରକୃତି କବି । ଯେଉଁଠି ସେ ସୁଯୋଗ ପାଇଛନ୍ତି , ସେଇଠି ପ୍ରକୃତିର ଉପାସନା କରିବାରେ ସେ ପ୍ରଶ୍ଚାତ ପଦ ହୋଇନାହାନ୍ତି । ସୁନନ୍ଦା ଇନ୍ଦୁମତୀଙ୍କୁ ମଥୁରା ନରେଶଙ୍କ ପରିଚୟ ପ୍ରଦାନ କଲାବେଳେ ଗଙ୍ଗାଧର ମଥୁରାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇପଡିଛନ୍ତି ଏବଂ ତାହାର ସୁନ୍ଦର ବର୍ଣ୍ଣନା କରିଛନ୍ତି । କବିଙ୍କ ଭାଷାରେ -

" ଶୁଣିଥିବୁ ଶଶୀ - ମୁଖି! ବୃନ୍ଦାବନ
ପ୍ରକୃତି ଶୋଭାସଦନ
ସ୍ଥାନେ ସ୍ଥାନେ ଚାରୁ ଲତାକୁଞ୍ଜ ପ୍ରାୟ
ତମ୍ବୁ ଟେକିଛି ମଦନ ।
କୁସୁମିତ ହୋଇ ଶୋଭା କେତେ ତହିଁ
ତରୁ ସମାଶ୍ରିତା ବଲ୍ଲୀ,
ଦିଗ ଆମୋଦିତ କରନ୍ତି ବିକଶୀ
ମାଧବୀ ମାଳତୀ ମଲ୍ଲୀ।
× × ×
ଘନ କିଶଳୟ କଦମ୍ବ କାନନ
ମନୋହର ଚୂତବନ
ଶୁଭେ ଯହିଁ ସଦା। ପିକ - ଦମ୍ପତିର
ଶ୍ରବଣ ଶୁଭଗ ସ୍ୱନା"(୯)

**ଚରିତ୍ର ଚିତ୍ରଣ** -

ଗଙ୍ଗାଧର ମେହେରଙ୍କ କାବ୍ୟରେ ଯେଉଁ ସବୁ ଚରିତ୍ର ମାନେ ଆତଜାତ ହୁଅନ୍ତି । ସେମାନେ ଭାରତୀୟ ପରମ୍ପରା ଓ ସଂସ୍କୃତିର ଗୋଟିଏ ଗୋଟିଏ ବଳିଷ୍ଠ ଦୃଷ୍ଟାନ୍ତ । ଆଦର୍ଶ ପିତା , ଆଦର୍ଶ ପୁତ୍ର , ଆଦର୍ଶ କନ୍ୟା , ଆଦର୍ଶ ପତ୍ନୀ ଭାବରେ ମହତ୍ତ୍ୱ ରଖିଯାଇଥିବା ଚରିତ୍ର ମାନଙ୍କୁ ଗଙ୍ଗାଧର ତାଙ୍କ ଲେଖନୀରେ ଦେଇପାରିଛନ୍ତି ଜୀବନ୍ତ ଜୀବନ୍ୟାସ । ସେଥିପାଇଁ ଗଙ୍ଗାଧରଙ୍କ କାବ୍ୟ ଆଦର୍ଶବାଦର କଥା କହେ ଓ ପାଠକ ମାନଙ୍କୁ ଜୀବନ ଓ ଚଳଣିକୁ ଆଦର୍ଶ ବିମଣ୍ଡିତ ହେବା ପାଇଁ ବଳିଷ୍ଠ ପ୍ରେରଣା ପ୍ରଦାନ କରେ - ଏହା ଗଙ୍ଗାଧର ପ୍ରେମୀ ପାଠକ ମାନେ ନିବିଡ ଭାବରେ ଅନୁଭବ କରିପାରିବେ।

**(କ) ବିଦର୍ଭଅଧିପତି : -**

ଭାରତୀୟ ପରମ୍ପରାର ଜଣେ ଆଦର୍ଶ ବ୍ୟକ୍ତିତ୍ୱ । ଜଣେ ଆଦର୍ଶ ଭ୍ରାତା , ଶାସକ ଭାବରେ ଚିର ସ୍ମରଣୀୟ । ଆମର ସଂସ୍କୃତି ଓ ପରମ୍ପରା ରେ ସ୍ୱ ଇଚ୍ଛା ରେ ପତି ନିର୍ବାଚନ କରିବାର ଦାୟିତ୍ୱ କନ୍ୟା ଉପରେ ଛାଡି ଦିଆଯାଉଥିଲା ।ଫଳରେ କନ୍ୟା ଟିଏ ନିଜ ମନ ମୁତାବକ ପସନ୍ଦର ବର ନିର୍ବାଚନ କରି ସୁଖରେ ଜୀବନ ଅତିବାହିତ କରୁଥିଲେ । ତେଣୁ ସ୍ୱୟଂ ବର ଭଳି ଘଟଣା ଟି ସମାଜରେ ବହୁକାଳ ଧରି ଚାଲି ଆସିଥିଲା । ଗଙ୍ଗାଧର ମେହେର ଏ ପ୍ରସଙ୍ଗକୁ ନେଇ ଇନ୍ଦୁମତି କାବ୍ୟର ସର୍ଜନା କରିଛନ୍ତି । ବିଦର୍ଭାଧିପତି କିଭଳି ନିଜର ଭଗ୍ନୀ ଇନ୍ଦୁମତିଙ୍କ ପାଇଁ ସ୍ୱୟମବରର ଆୟୋଜନ କରିଛନ୍ତି ଓ ଇନ୍ଦୁମତି ଓ ଅଜଙ୍କ ବିବାହ ଖୁବ ଧୁମଧାମରେ ସମ୍ପର୍ଣ୍ଣ କରିଛନ୍ତି - ସେଥିରୁ ତାଙ୍କର ଅନାବିଳ ଭଗ୍ନୀପ୍ରେମର ସଜଳ ଚିତ୍ରକୁ ସଚେତନ ପାଠକ ନିବିଡ଼ଭାବରେ ଅନୁଭବ କରିପାରିବେ ।

**(ଖ) ଇନ୍ଦୁମତି :-**

ଇନ୍ଦୁମତି ଥିଲେ ଅନନ୍ୟ ସୌନ୍ଦର୍ଯ୍ୟ ର ଅଧିକାରିଣୀ । ଗଙ୍ଗାଧରଙ୍କ ଲେଖନୀ ରେ ଇନ୍ଦୁମତି ଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ଆହୁରି ଦ୍ବିଗୁଣିତ ହୋଇଉଠିଛି । ପୂର୍ବ ଜନ୍ମରେ ସେ ଥିଲେ ଅପ୍ସରୀ । କିନ୍ତୁ ଅଭିଶାପ ପାଇଁ ସେ ମର୍ତ୍ତ୍ୟରେ ଇନ୍ଦୁମତି ରୂପେ ଜନ୍ମଗ୍ରହଣ କରିଥିଲେ । ବିବାହ ବୟସ ଉପନୀତ ହେବାରୁ ବିଦର୍ଭ ଧିପତି ତାଙ୍କ ପାଇଁ ସ୍ୱୟଂ ବର ର ଆୟୋଜନ କରିଥିଲେ । ସେଥିରେ ଉପସ୍ଥିତ ସମସ୍ତ ରାଜାଙ୍କୁ ଛାଡି

ସେ ଅଯୋଧ୍ୟା ନରେଶ ରଘୁଙ୍କର ସୁପୁତ୍ର ଅଜଙ୍କର ପାଣିଗ୍ରହଣ କରିଥିଲେ । ଅଜ ଇନ୍ଦୁମତି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ କିଛିଦିନ ଖୁସିରେ କାଳ ଅତିବାହିତ କରିଥିଲେ । ଦୁର୍ଭାଗ୍ୟ ବଶତଃ ଅଜ ଇନ୍ଦୁମତି ଉଦ୍ୟାନ ପରିଭ୍ରମଣ କରୁଥିଲାବେଳେ ଦେବର୍ଷି ନାରଦଙ୍କ ବୀଣା ରୁ ସ୍ବର୍ଗୀୟ କୁସୁମମାଳା ଇନ୍ଦୁମତି ଙ୍କ ବକ୍ଷଦେଶରେ ପଡିବାରୁ ଇନ୍ଦୁମତି ଅକାଳରେ ମୃର୍ତ୍ୟୁବରଣ କରିଛନ୍ତି । ଇନ୍ଦୁମତି ଙ୍କ ବିରହରେ ଅଜ ମଧ ବିଳାପ କରି ଶରୀର କ୍ଷୀଣ ହୋଇପଡିଛି ଓ କିଛି କାଳ ପରେ ତାଙ୍କର ମଧ ଦେହାବସାନ ଘଟିଛି । ଇନ୍ଦୁମତି ଓ ଅଜଙ୍କ ନିବିଡ଼ ପ୍ରେମ ପ୍ରମାଣ କରେ ଇନ୍ଦୁମତି କିଭଳି ଥିଲେ ଜଣେ ଆଦର୍ଶ ନାରୀ ଓ ପତ୍ନୀ ।

**(ଗ) ଅଜ :-**

ରବି - କୁଳ - ତିଳକ ରଘୁଙ୍କର ସୁଯୋଗ୍ୟ ପୁତ୍ର ହେଉଛନ୍ତି ଅଜ ।ପ୍ରଚଣ୍ଡ ସୌର୍ଯ୍ଯ ଓ ବୀରତ୍ବର ଅଧିକାରୀ । ଜଣେ ଉତ୍ତମ ଶାସକ , ଉତ୍ତମ ପତି , ଭାବରେ ଭାରତୀୟ ଇତିହାସରେ ନିଜର ମୁଦ୍ରାଙ୍କନ କରି ଯାଇଛନ୍ତି । ଇନ୍ଦୁମତୀଙ୍କ ପ୍ରତି ଅନାବିଳ ପ୍ରେମ ପ୍ରତିପାଦିତ କରେ ସେ କିଭଳି ଥିଲେ ଏକ ଆଦର୍ଶ ପତି । ପତ୍ନୀଙ୍କ ବିରହରେ ବିଳାପ କରି ଅଜ ମୃତ୍ୟୁ ବରଣ କରିଛନ୍ତି ତାହା ସମସ୍ତେ ଜାଣନ୍ତି ।

(ଘ) ରଘୁ :- ରଘୁ ଥିଲେ ଇକ୍ଷ୍ବାକୁ ବଂଶର ଜଣେ ଶ୍ରେଷ୍ଠ ରାଜା । ପ୍ରବଳ ପ୍ରତାପୀ ପରାକ୍ରମୀ ଧନୁର୍ଦ୍ଧାରୀ ଯୋଦ୍ଧା ଭାବରେ ସେ ଥିଲେ ଅଦ୍ୱିତୀୟ ।କେବଳ ଯୁଦ୍ଧରେ ନୁହଁ ଦାନ କରିବାରେ ସେ ଥିଲେ ମହାଦାନୀ । ସାଧୁ, ମୁନିରଷି , ଦୁଃଖୀ ରଙ୍କିଙ୍କ ପାଇଁ ତାଙ୍କର ରାଜ କୋଷ ସବୁ ଦିନ ପାଇଁ ଥିଲା ଉନ୍ମୋକ୍ତ।

**(ଙ) ସୁନନ୍ଦା :-**

କାଳିଦାସ ରଘୁବଂଶ କାବ୍ୟରେ ସୁନନ୍ଦାର ଯେଉଁଭଳି ଚରିତ୍ର ଚିତ୍ରଣ କରିଛନ୍ତି , ଗଙ୍ଗାଧର ସୁନନ୍ଦାର ଅନୁରୂପ ଚରିତ୍ର ଚିତ୍ରଣ ଇନ୍ଦୁମତୀ କାବ୍ୟରେ କରିଛନ୍ତି । ଇନ୍ଦୁମତୀଙ୍କୁ ବିଭିନ୍ନ ରାଜାଙ୍କର ପରିଚୟ ପ୍ରଦାନ କଲାବେଳେ ସୁନନ୍ଦାଙ୍କ ବିଚକ୍ଷଣତା ଓ ବୁଦ୍ଧିମତାକୁ ଅନୁଭବୀ ପାଠକ ସଚେତନ ଭାବରେ ଅନୁଭବ କରିପାରିବେ।

**ଉପସଂହାର** :

କେବଳ ରୂପ , ଗୁଣ, ବର୍ଣ୍ଣନା ନୁହେଁ , ନଗର , ଉଦ୍ୟାନ ପ୍ରକୃତି ବର୍ଣ୍ଣନାରେ କାଳିଦାସଙ୍କର ପ୍ରଭାବ ଗଙ୍ଗାଧର ମେହେରଙ୍କ ଉପରେ ପଡ଼ିଛି , ତାହା ପ୍ରତିଟି ସଚେତନ ପାଠକ ପାଠିକା ନିବିଡ ଭାବରେ ଅନୁଭବ କରିପାରିବେ । ଗଙ୍ଗାଧର କାଳିଦାସଙ୍କ ଆକ୍ଷରିକ ଅନୁସରଣ କରିନାହାନ୍ତି । ଅନେକ ସ୍ଥଳରେ ମେହେର କବି ସ୍ୱ ମୌଳିକତା ପ୍ରଦର୍ଶନ କରିଛନ୍ତି। ପ୍ରାଚ୍ୟ ସଂସ୍କୃତି ଓ ପରମ୍ପରାର ଜୟଗାନ କରି ଯେଉଁ ବିଶାଳ କାବ୍ୟ ସୌଧ ଗଙ୍ଗାଧର ମେହେର ନିର୍ମାଣ କରିଛନ୍ତି , ତାହା ତାଙ୍କୁ ଚିରଦିନ ଅମର କରି ରଖିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ପ୍ରାନ୍ତ ସଙ୍କେତ : -**

(୧) ମେହେର ଗଙ୍ଗାଧର, ଇନ୍ଦୁମତୀ କାବ୍ୟ ପ୍ରଣେତା ଶ୍ରୀ ଗଙ୍ଗାଧର ମେହେର ଙ୍କ ପ୍ରତି : ଇନ୍ଦୁମତୀ । ପୃ -୧ ।
(୨) ଗଙ୍ଗାଧର ପରିକ୍ରମା (ସମ୍ପାଦନା ) । ସାରଳା ସାହିତ୍ୟ ସଂସଦ, ପୃ -୧୧୧ ।
(୩) ମହାପାତ୍ର ଧନେଶ୍ୱର , ରଘୁବଂଶ : କାଳିଦାସ ଗ୍ରନ୍ଥାବଳୀ । ପୃ -୭୭ ।
(୪) ମେହେର ଗଙ୍ଗାଧର , ପୂର୍ବଭାଗ : ଇନ୍ଦୁମତୀ । ପୃ -୫ ।
(୫) ମହାପାତ୍ର ଧନେଶ୍ୱର, ରଘୁବଂଶ: କାଳିଦାସ ଗ୍ରନ୍ଥାବଳୀ। ପୃ -୯୭ ।
(୬) ମେହେର ଗଙ୍ଗାଧର, ପୂର୍ବଭାଗ: ଇନ୍ଦୁମତୀ । ପୃ -୨୭ ।
(୭) ମହାପାତ୍ର ଧନେଶ୍ୱର, ରଘୁବଂଶ: କାଳିଦାସ ଗ୍ରନ୍ଥାବଳୀ। ପୃ -୧୧୦ ।
(୮) ମେହେର ଗଙ୍ଗାଧର, ଉତ୍ତର ଭାଗ : ଇନ୍ଦୁମତୀ । ପୃ -୪୨ ।
(୯)ମେହେର ଗଙ୍ଗାଧର , ଉତ୍ତର ଭାଗ : ଇନ୍ଦୁମତୀ ପୃ -୯-୧୦

**ସହାୟକ ଗ୍ରନ୍ଥସୂଚୀ :-**

(୧) ମେହେର ଗଙ୍ଗାଧର , ଇନ୍ଦୁମତୀ, ଦ୍ୱିତୀୟ ସଂସ୍କରଣ , ପ୍ରକାଶକ - ଭଗବାନ ମେହେର, ୧୯୪୦ ।

(୨) ମହାପାତ୍ର ଧନେଶ୍ୱର , କାଳିଦାସ ଗ୍ରନ୍ଥାବଳୀ ( ଅନୁବାଦ ) । ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ , କଟକ -୦୨,୧୯୯୭ ।

(୩) ପଟ୍ଟନାୟକ ପଠାଣୀ , ଗଙ୍ଗାଧର ସାହିତ୍ୟ ପରିକ୍ରମା । ପ୍ରଥମ ସଂସ୍କରଣ, ଡାଇମଣ୍ଡ ପବ୍ଲିଶର୍ସ , କଟକ -୦୩ ,୧୯୮୮ ।

(୪) ପରିଡ଼ା କବିବର , ଗଙ୍ଗାଧର ପରିକ୍ରମା ( ସମ୍ପାଦନା )। ପ୍ରଥମ ଉନ୍ମେଷ , ସାରଳା ସାଂସ୍କୃତିକ ପରିଷଦ , ଡି -୮ , ସେକ୍ଟର -୯ , ରାଉରକେଲା -୨ , ୧୯୯୫ ।

(୫) ପଟ୍ଟନାୟକ ପଠାଣୀ, ଗଙ୍ଗାଧର କାବ୍ୟ ମାନସ( ସମ୍ପାଦନା ) । ପ୍ରଥମ ପ୍ରକାଶ , ଓଡ଼ିଶା ବୁକ୍ ଷ୍ଟୋର , ବିନୋଦ ବିହାରୀ, କଟକ -୦୦୨, ୧୯୯୪ ।

(୬) କବି ଅସିତ୍, ଓଡ଼ିଆ ସାହିତ୍ୟରେ ଗଙ୍ଗାଧର । ପ୍ରଥମ ପ୍ରକାଶ, ରାଜହଂସ ସାହିତ୍ୟ ମନ୍ଦିର , ତେଲେଙ୍ଗା ବଜାର, କଟକ -୦୨ , ୧୯୫୯ ।

(୭) ଉଦଗାତା ଗୋବିନ୍ଦ୍ରଚନ୍ଦ୍ର , କାବ୍ୟ ଶିଳ୍ପୀ ଗଙ୍ଗାଧର , ପ୍ରଥମ ପ୍ରକାଶ,ପ୍ରକାଶିକା- ଶ୍ରୀମତୀ ସରସ୍ୱତୀ ଉଦଗାତା, ଗୋପାଳମାଳ , ସମ୍ବଲପୁର -୦୦୪ , ୧୯୯୨ ।